# ଅଲ ଓଡିଶା ରାଇସ୍ ମିଲରସ୍ ଆସୋସିଏସନ୍

## ପ୍ରେସ୍ ରିଲିଜ

ତା: ୨୬.୧୦.୨୦୧୮
ସ୍ଥାନ- ହୋଟେଲ ଏମ୍ପାର,
ଶହୀଦ ନଗର, ଭୁବନେଶ୍ୱର ।

**ଗଣମାଧ୍ୟମ ନିମନ୍ତେ ସଂକ୍ଷିପ୍ତ ସୂଚନା:-**

ଆଜ ତା ୨୬.୧୦.୨୦୧୮ ଏରୋମା (ଅଲ ଓଡିଶା ରାଇସ୍ ମିଲରସ୍ ଆସୋସିଏସନ୍) ତରଫରୁ ଏକ ଜରୁରୀକାଳିନ ବୈଠକ ହେଟେଲ ଏମ୍ପାର, ସହୀଦନଗରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା "ଆଜରି ଧରିତ୍ରି ଖବର କାଗଜରେ ମିଲରଙ୍କ ବିରୁଦ୍ଧରେ ୧୯୭କୋଟି ଟଙ୍କାର ଧାନ ଚାଉଳ ଆତ୍ମସାତ କରିବାର ଖବର ବାହାରିଅଛି । ଏହି ଖବର ପ୍ରକାଶ ପାଇବାରେ ଆମର ଓଡିଶା ରାଇସ୍ ମିଲର ଆସୋସିଏନ୍‌ର କୌଣସି ଆପତ୍ତି କି ଅଭିଯୋଗ ନାହିଁ । ଯେଉଁ ମିଲର ମାନେ ସରକାରଙ୍କର କୋଟି କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି, ସରକାର ଉକ୍ତ ମିଲର ମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବା ଉଚିତ୍ । ଉକ୍ତ ମିଲରଙ୍କ ଉପରେ ସରକାର ଯେଉଁ କାର୍ଯ୍ୟାନୁଷ୍ଠାନ କରିବେ ସେଥିରେ ରାଜ୍ୟ ମିଲର ଆସୋସିଏସନ୍ ପୂର୍ଣ୍ଣ ସହଯୋଗ କରିବ । ସରକାର ଏହି ଠକେଇରୁ ମୁକୁଳିବା ପାଇଁ

# ଅଲ ଓଡିଶା ରାଇସ୍ ମିଲରସ୍ ଆସୋସିଏସନ୍

ରାଜ୍ୟ ମିଲର ସଂଘ ବହୁ ବର୍ଷ ହେଲା ରାଜ୍ୟ ସରକାରଙ୍କର ଯୋଗାଣ ବିଭାଗକୁ ବାରମ୍ବାର ପ୍ରସ୍ତାବ ଦେଇ ଆସୁଛି ଯେ ଶତପ୍ରତିଶତ ଜମା ରାଶି ରଖି ମିଲର ମାନଙ୍କୁ ଧାନ ମିଲିଙ୍ଗ୍ କରିବାକୁ ଦିଆଯାଏ । ଏହାଦ୍ୱାରା ସରକାରଙ୍କର ଧାନରେ ଲଗାଯାଇଥିବା ଟଙ୍କା କୌଣସି ମିଲର ଆତ୍ମସାତ୍ କରିପାରିବେ ନାହିଁ । ରାଜ୍ୟ ମିଲର ସଂଘର ପ୍ରସ୍ତାବକୁ ସରକାର କର୍ଣ୍ଣପାତ ନକରି ରାଜ୍ୟ ଯୋଗାଣ ବିଭାଗର କିଛି କର୍ମଚାରୀ କିଛି ଅସାଧୁ ମିଲରଙ୍କ ସହିତ ମଧୁଚନ୍ଦ୍ରିକା କରି ସ୍ପଷ୍ଟ ଦିବାଲୋକରେ ଠକି ଚାଲିଛନ୍ତି । ଏଥିପାଇଁ ରାଜ୍ୟ ମିଲର ସଂଘର ୩୦ଗୋଟି ଜିଲ୍ଲାର ୧୫୦୦ ମିଲରଙ୍କୁ (୩୧୪ବ୍ଲକ୍) ବଦନାମ କରାଯାଉଅଛି । ଆମ୍ଭେ ଏହାର ଘୋର ନିନ୍ଦା କରୁଅଛୁ । ପ୍ରକାଶ ଥାଉକି ଯେ, ଆଜ ତା ୨୬.୧୦.୨୦୧୮ରିଖ ସରକାରଙ୍କୁ ପୁନର୍ବାର ନିବେଦନ କରୁଅଛୁ ଯେ, ମିଲର ମାନଙ୍କ ଠାରୁ ଶତପ୍ରତିଶତ ଜମା ରାଶି ରଖି ଧାନ ବିଲିଙ୍ଗ୍ କରିବାକୁ ଦିଆଯାଉ ।

ଆଉ ମଧ ଆମ୍ଭେ ଗଣ ମାଧମ ଦ୍ୱାରା ସରକାରଙ୍କୁ ଜଣାଇ ଦେବାକୁ ଚାହୁଁ ଯେ, ଆମ୍ଭେ ବିଗତ ୩-୪ବର୍ଷ ହେଲାଣି ସରକାରଙ୍କ ଶତପ୍ରତିଶତ ଚାଉଳ ପୈଠ କଲାପରେ ବି ଆମ୍ଭର ସରକାରଙ୍କଠାରୁ ପାଇବାକୁ ଥିବା ପ୍ରାପ୍ୟକୁ ବିଭିନ୍ନ ଆଳ

# ଅଲ ଓଡିଶା ରାଇସ୍ ମିଲରସ୍ ଆସୋସିଏସନ୍

ଦେଖାଇ ମିଲରଙ୍କ କୋଟି କୋଟି ଟଙ୍କା ଅଟକାଇ ରଖିଛନ୍ତି । ଯାହାଦ୍ୱାରା ସରକାରଙ୍କ ଉପରେ ମିଲରଙ୍କ କୋଟି କୋଟି ଟଙ୍କା ବକେୟା ପ୍ରାପ୍ୟ ରହିଥିବାରୁ ଆଗାମୀ ଦିନରେ ମିଲରମାନେ ମିଲ ଚଳାଇବାକୁ ଅସମର୍ଥ ଅଟନ୍ତି ।

ଆଉ ମଧ ଆମ୍ଭେ ଜଣାଇବାକୁ ଚାହୁଁଯେ, ସରକାର ଆମ୍ଭକୁ କେଉଁ କାର୍ଯ୍ୟ ବାବଦରେ କେତେ ପ୍ରାପ୍ୟ ଦେବେ ସରକାର ଆମ୍ଭଙ୍କୁ ଜଣାଉନାହାଁନ୍ତି । ସରକାର ଆମ୍ଭଙ୍କୁ ଅନ୍ଧାରରେ ରଖି ଯଥା ପୂର୍ବ ତଥା ପରମ୍, ଠକି ଚାଲିଛନ୍ତି । ଆଗାମୀ ୨୦୧୮-୧୯ (ଖରିଫ୍ ରବି) ସରକାରଙ୍କୁ ଆମ୍ଭେ ପୁର୍ଣ୍ଣ ସହଯୋଗ କରିବାକୁ ଚାହୁଁଛୁ । କିନ୍ତୁ ରାଜ୍ୟ ମିଲର ସଂଘର ଦାବୀ ଆମ୍ଭର ମିଲରମାନଙ୍କୁ କଷ୍ଟମ୍ ମିଲିଙ୍ଗ୍ ବାବଦରେ ସରକାର କେଉଁ ବାବଦରେ କେତେ ପ୍ରାପ୍ୟ ନିଷ୍ପତ୍ତି ନେଇଛନ୍ତି ଚୁକ୍ତିନାମାରେ ଦର୍ଶାଯାଉ ।

ରାଜ୍ୟ ମିଲର ସଂଘ ସରକାରଙ୍କ ନିକଟରେ ଦାବି ଜଣାଉଅଛି ଯେ, ସମସ୍ତ ମିଲରଙ୍କ ଠାରୁ ଶତପ୍ରତି ଜମା ରାଶି ରଖି ଧାନ ଦିଆଯାଉ । ଯଦି ସରକାର ଏହାକୁ କାର୍ଯ୍ୟକାରୀ ନକରନ୍ତି, ଏଥି ପାଇଁ ମିଲର ସଂଘ କୌଣସି ପ୍ରକାର ଉତ୍ତର ଦାୟୀ ରହିବେ ନାହିଁ ।

ALL ODISHA RICE MILLERS ASSOCIATION
S-3/36, Sec-A, Zone-B, Mancheswar Indl. Estate, Bhubaneswar-751010
Telefax: (0674) 2580933, 2583933
Chairman: Santosh Kr. Agrawal (094330 11631) Secretary: Santosh Kr. Sonthalia (94370 28933)
Visit us at www.aorma.in email: secretary.aorma@gmail.com

26/10/2018.

# *Press Meet*

In response to the resolution adopted by the members during our meeting held on 22-10-18 a representation was submitted to the Honourable Minister and Food Secretary along with MD oscsc Ltd.

**We have raised few issues :**

**1**. Finalisation of rates and release of payments for Transporting charges,Gunny Usage charges ,Custody and maintenance and reimbursement of statutory charges for KMS 2017-18.

**2.** FIxation of reasonable rates as suggested vide our letter Dt.18.08.18 for various incidentals well in advance before execution of agreement for current KMS 2018-19.

A meeting was held today with food commissioner where we were informed that decision on rates etc for previous KMS 2017-18 Is under process and will be communicated shortly. While he agreed to reimbursed statutory charges on actuals.

The rates of incidentals for new kms 2018-19 is yet to be finalised and not possible to communicate immediately pending communication from GOI.

so in the absence of above, Millers have decided to wait for further 2 weeks expecting communication of rates from corporation before executing agreement for KMS 2018-19.*